ପ୍ରେସ ନୋଟ

## ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ।

ଅନୁଗୋଳ,ତା.୨୪.୦୩:- ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୨୪ ତାରିଖକୁ ବିଶ୍ୱ ଯକ୍ଷ୍ମା ଦିବସ ଭାବେ ପାଳନ କରାଯାଉଛି । ଯକ୍ଷ୍ମା ମହାମାରୀ ଆମର ସ୍ୱାସ୍ଥ୍ୟ ଧ୍ୱଂସକାରୀ , ସମାଜିକ ଓ ଅର୍ଥନୈତିକ ସ୍ଥିତିରେ ପ୍ରଭାବ ପକାଉଥିବାରୁ ଜନ ସଚେତନତା ସୃଷ୍ଟି ନିମନ୍ତେ ଏହି ରୋଗର ଚିହ୍ନଟ ଓ ଚିକିତ୍ସା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଚଳିତ ବର୍ଷର ବିଷୟ ବସ୍ତୁ'ଯକ୍ଷ୍ମା ନିରାକରଣ ନିମନ୍ତେ ସହଯୋଗ କରନ୍ତୁ, ଅମୂଲ୍ୟ ଜୀବନକୁ ରକ୍ଷା କରନ୍ତୁ । ସମ୍ବଳକୁ ବିନିଯୋଗ କରି ଯକ୍ଷ୍ମା ମହାମାରୀ ନିରାକରଣ ନିମନ୍ତେ ଆଗେଇ ଆସିବାକୁ ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ । ଏହି ବାର୍ତ୍ତା ନେଇ ଏକ ଯକ୍ଷ୍ମା ରଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବାହାରିଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ତ୍ରିଲୋଚନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ରଥକୁ ଉଦଘାଟନ କରିବା ସହ ଆୟୋଜିତ ସଭାରେ ଯକ୍ଷ୍ମା ରୋଗର ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ । ଆସନ୍ତା ୨୦୨୫ ସୁଦ୍ଧା ଆମ ଦେଶକୁ ଯକ୍ଷ୍ମା ମୁକ୍ତ କରିବାକୁ ସେ ଆହ୍ୱାନ କରିଥିଲେ । ଯକ୍ଷ୍ମା ରୋଗ ନିରାକରଣରେ ସହଯୋଗର ହାତ ବଢାଇଥିବା ମହାନଦୀ କୋଇଲା ଖଣି, ଏନ୍ ଟି ପି ସି, ନାଲ୍‌କୋ, ଜେ ଏସ୍ ପି ଏଲ୍ ଓ ଭଲ କାମ କରିଥିବା ଆଶା କର୍ମୀମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ । ଏହି ସଭାରେ ଏ ଆର ଟି ସେଣ୍ଟରର ବରିଷ୍ଠ ଅଧିକାରୀ ଡା. ସାଶ୍ୱତ ସାଗର ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକାରୀ ଡା. ମାନସ ରଂଜନ ବିଶ୍ୱାଳ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡ. ବିଶ୍ୱ ବିହାରୀ ମହାନ୍ତି , ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ.ଦିଲିପ କୁମାର ପଟ୍ଟନାୟକ, ଜିଲ୍ଲା ମ୍ୟାଲେରିଆ ଅଧିକାରୀ ଡା.ପୁର୍ଣ୍ଣିମା ଉଦଗାତା ଓ ଡି ପି ଏମ୍ ଶ୍ରୀ ଦିପକ ମହାନ୍ତିଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ, ଜିଲ୍ଲା ନିରାକରଣ କେନ୍ଦ୍ରର କର୍ମଚାରୀ , ରିଚ କର୍ମଚାରୀ,ନର୍ସିଂ କଲେଜର ଛାତ୍ରୀ , ଟି ବି ଚମ୍ପିଆନମାନେ ଉପସ୍ଥିତ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା ୨୨୨ ତା. ୨୪.୦୩. ୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରା ଗଲା ।

୨୪/୩/୨୦୨୨

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ



ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଅନୁଗୋଳ
HEADQUARTERS HOSPITAL, ANGUL
ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ
ଅନୁଗୋଳ
ଲ୍ଲା ସ୍ୱାସ୍ଥ୍ୟ ସମିତି, ଅନୁଗୋଳ
REACH
ଯକ୍ଷ୍ମା ହାରିବ, ଦେଶ ଜିତିବ !
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା




ବିଶ୍ୱ ଯକ୍ଷ୍ମା ଦିବସ